ଧରିତ୍ରୀ
DHARITRI

### ୨୦୧୭ ଏପ୍ରିଲରେ ନୀଳାଚଳ ଇସ୍ପାତର ନବୀକରଣ

# କାରଖାନା ସୁଦୃଢ଼ୀକରଣ ନିମନ୍ତେ ଭେଣ୍ଡର ମିଟ୍

କଳିଙ୍ଗନଗର,୧୭।୧୧(ଡି.ଏନ୍.ଏ.)– କଳିଙ୍ଗନଗରରେ ଥିବା ଏକମାତ୍ର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମର ଭବିଷ୍ୟତ ଉଜ୍ଜ୍ୱଳମୟ। ଏହି କାରଖାନା ଭାରତବର୍ଷର ଏକ ବୃହତ୍ ଇସ୍ପାତ ନିର୍ମାଣକାରୀ କାରଖାନାଭାବେ ମାନ୍ୟତା ହାସଲ କରିପାରିଛି। ନିକଟରେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ତରଫରୁ ଲୁହା ଖଣି ପାଇଁ ଅନୁମତି ମିଳିଛି। ଆସନ୍ତା ଏପ୍ରିଲ ୨୦୧୭ରେ କାରଖାନାର ନବୀକରଣ ନିମନ୍ତେ ସମସ୍ତ ଦିଗରୁ ଜୋରଦାର ଉଦ୍ୟମ ଚାଲିଛି। ଏହା ଫଳରେ କାରଖାନାରେ ହଟ ମେଟାଲ ଉତ୍ପାଦନ ବୃଦ୍ଧି ପାଇବ ଓ ମୂଲ୍ୟଯୁକ୍ତ ଉତ୍ପାଦନ କରି କାରଖାନାର ଆର୍ଥିକ ଉନ୍ନତିରେ ସହାୟକ ହୋଇପାରିବ ବୋଲି ନବନିଯୁକ୍ତ ପରିଚାଳନା ନିର୍ଦ୍ଦେଶକ ତଥା ଭାଇସ ଚେୟାରମ୍ୟାନ ଶଶିଶେଖର ମହାନ୍ତି ଗୁରୁବାର କାରଖାନା ଟାଉନଶିପରେ ଅନୁଷ୍ଠିତ ଭେଣ୍ଡର୍ସ ମିଟ୍‌ରେ ମତବ୍ୟକ୍ତ କରିଛନ୍ତି। କାରଖାନା ପ୍ରଗତି ପାଇଁ ଭେଣ୍ଡରଙ୍କ ସହାୟତା ଓ ସହଭାଗିତା ଅପରିହାର୍ଯ୍ୟ ବୋଲି ଉପସ୍ଥିତ ମଞ୍ଚାସୀନ ଅଧିକାରୀ ମତବ୍ୟକ୍ତ କରିଥିଲେ। ସ୍ୱତନ୍ତ୍ର ନିର୍ଦ୍ଦେଶକ ଶଶିକାନ୍ତ ବି ଜଗଦାଳେ, କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଆର.କେ.ଝା, ମାନବ ସମ୍ବଳ ମହା ପ୍ରବନ୍ଧକ ଟି.ଏସ୍.କେ ସରାଫ ପ୍ରମୁଖ ଯୋଗଦେଇ ଉପସ୍ଥିତ ଭେଣ୍ଡରଙ୍କ ସହ ବିଭିନ୍ନ ବିଷୟରେ ଖୋଲାଖୋଲି ଆଲୋଚନା କରିଥିଲେ।